# Akashvani, Sambalpur

## SAMBALPURI NEWS EVENING BULLETIN

## 12 September 2025- 7.02 pm- 7.12 pm.

*********************************************

୧- ଦେଶର୍ ୧୫ ନମ୍ବର୍ ଉପରାଷ୍ଟ୍ରପତି ଭାବେ ଶପଥ୍ ନେଲେ ସି.ପି. ରାଧାକ୍ରିଷ୍ଣନ୍ ।

୨- ନୂଆଦିଲ୍ଲୀ ଠାନେ ପାଣ୍ଡୁଲିପିର୍ ଡିଜିଟାଲିକରଣ୍, ସଂରକ୍ଷଣ୍ ଆଉ ଜନାଦୃତି ଲାଗି ଜ୍ଞାନ୍ ଭାରତମ୍ ପୋର୍ଟାଲ୍‌ର ଶୁଭାରମ୍ଭ କଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଘଟଗାଁ ମା ତାରିଣୀଙ୍କର୍ ପୀଠ ନ ଥାପ୍‌ନା ହେବା ମାତୃ ଶିଶୁ ସ୍ତନ୍ୟପାନ କକ୍ଷ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍‌ର ସତର୍କ ସୂଚ୍‌ନା ।

ଉପରାଷ୍ଟ୍ରପତି ଶପଥ୍ ଗ୍ରହଣ୍ ଏନ୍ଏସ୍ଡି

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସି.ପି. ରାଧାକ୍ରିଷ୍ଣନ୍ ଆଏଜ୍ ଶପଥ ନେଇଛନ୍ । ରାଷ୍ଟ୍ରପତି ଭବନ୍ଠାନେ ହେଇଥିବା ଶପଥ ଗ୍ରହଣ୍ ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସି.ପି. ରାଧାକ୍ରିଷ୍ଣନ୍ଙ୍କୁ ପଦ୍ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ସମାରୋହଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହେତେ ଅଲ୍ଗା ନେତା ଆଉ ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

ନୂଆ ଉପରାଷ୍ଟ୍ରପତି ଭାବେ ଶପଥ୍ ନେବାର୍ ଉତ୍ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ରାଧାକ୍ରିଷ୍ଣନ୍ଙ୍କୁ ଶୁଭେଚ୍ଛା ଜନେଇଛନ୍ । ପ୍ରଧାନମନ୍ତ୍ରୀ କହିଛନ୍, ନୂଆ ଉପରାଷ୍ଟ୍ରପତି ତାଙ୍କର କାର୍ଯ୍ୟକାଲ୍ ସଫଲ୍ ଭାବେ ପୂରଣ କର୍ବାର୍ ସଙ୍ଗେ ଲୁକ୍କର୍ ଲାଗି ସେବା ମନୋଭାବ୍ ରଖିବେ ।

ସୂଚ୍ନା ଅନ୍ସାରେ ଗଲା ୯ ତାରିଖ୍ ଦିନ ହେଇଥିବା ଉପରାଷ୍ଟ୍ରପତି ନିର୍ବାଚନ୍ଥି ଶ୍ରୀ ରାଧାକ୍ରିଷ୍ଣନ୍ ଏନ୍ଡିଏ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିକରି ବିଜୟୀ ହେଇଥିଲେ । ତାଙ୍କୁ ୪ ଶହ ୫୨ ଭୋଟ୍ ମିଳିଥିଲା ବେଲ୍କେ ଇଣ୍ଡି ମେଂଟର୍ ପ୍ରାର୍ଥୀ ବି. ସୁଦର୍ଶନ୍ ରେଡ୍ଡୀ ୩ ଶହ ଭୋଟ୍ ପାଇଥିଲେ । ଆଘର୍

ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ଼ ସ୍ୱାସ୍ଥ୍ୟ ସମସ୍ୟା ଲାଗି ଇସ୍ତଫା ଦେବାର୍ ଉତ୍‌ରୁ ଉପରାଷ୍ଟ୍ରପତି ପଦ୍ ଖାଲି ପଡ଼ିଥିଲା ।

ଜ୍ଞାନ ଭାରତମ୍ ଅନ୍ତର୍ଜାତୀୟ ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ହେଇଥିବା ଜ୍ଞାନ ଭାରତମ୍ ଅନ୍ତର୍ଜାତୀୟ ସମ୍ମିଳନୀଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜ୍ଞାନ୍ ଭାରତମ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ । ପାଣ୍ଡୁଲିପିର ଡିଜିଟାଲ୍‌କରଣ୍, ସଂରକ୍ଷଣ୍ ଆଉ ଜନାଦୃତି ଲାଗି ଇ ପୋର୍ଟାଲ୍ ସମର୍ପିତ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବିଜ୍ଞାନ୍ ଭବନ୍ ନ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଦୁର୍ଲଭ ପାଣ୍ଡୁଲିପି ପ୍ରଦର୍ଶନୀ ବୁଲି ଦେଖିଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଭାରତ୍‌ର ବିଶାଲ୍ ଆର୍ ଭିନ୍ ଭିନ୍ ପାଣ୍ଡୁଲିପି ଐତିହ୍ୟକେ ପୁନର୍ଜିବିତ୍ କର୍‌ବାର୍ ଆଉ

ବିଶ୍ୱ ଜ୍ଞାନ ଦିଆନିଆଥି ଇତାକେ ପ୍ରମୁଖ୍ ପୃଷ୍ଠଭୂମି କର୍‌ବାର୍ ଉପ୍‌ରେ ଖାସ୍ ଧିଆନ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ          ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ନୂଆଦିଲ୍ଲୀଠାନେ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡାଙ୍କୁ ଭେଟିକରି  ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଏଜେ କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଲୋକାଭିମୁଖୀ କାର୍ଯ୍ୟକ୍ରମ୍, ସ୍ୱାସ୍ଥ୍ୟ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତିଭୂମି ବିକାଶ ପରିଯୋଜ୍‌ନା ଆଉ ଭବିଷ୍ୟତ୍ ରୁପରେଖ ବାବ୍‌ଦେ ଆଲୋଚନା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର ସଙ୍ଗେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭିଲ୍ ଉପସ୍ଥିତ ଥିଲେ ।

ବନ ବିଭାଗ୍- ସମନ୍ୱୟ ବୈଠକ          I&PR

ଭିନ୍ ଭିନ୍ ପ୍ରକଳ୍ପ ଲାଗି ବନବିଭାଗ୍‌ର ମଞ୍ଜୁରୀ ଦେବାର୍ କ୍ଷେତ୍ରଥି ଦେଖାଦଉଥିବା ପ୍ରତିବନ୍ଧକ୍ ଦୂର୍ କର୍‌ବାର୍ ଲାଗି ଆଏଜ୍

ଗୁଟେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ୍ ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପ୍ରକଳ୍ପ ମାନ୍‌କର୍ କାର୍ଯ୍ୟକାରିତା ଲାଗି ବିଭାଗ୍ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍‌କେ ବର୍‌କସ୍ କର୍‌ବାର୍, ସବୁ ପ୍ରକ୍ରିୟାକେ ସରଲ୍ କର୍‌ବାର୍ ଆଉ ସାମ୍ବିଧାନିକ୍ ମାନଦଣ୍ଡ ସହେତେ ସମିଆ ଅନ୍‌ସାରେ କାମ୍ ସାର୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା । ବୈଠକ୍‌ଥି ଝାର୍‌ସୁଗୁଡ଼ା ନ ଦକ୍ଷିଣ ପୂର୍ବ ରେଲ୍‌ବାଇର୍ ୨ ଟା ପ୍ରକଳ୍ପ ସହେତେ ୭ ଟା ଅନୁସନ୍ଧାନ୍‌କାରୀ ଖନନ ପ୍ରକ୍ରିୟାର୍ ଥିତି ସମୀକ୍ଷା କରାଯାଇଥିଲା ।

ଜଙ୍ଗଲ୍ ବିଭାଗ୍ ଗଛ୍ ଲଗା ହି.ସ.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଉଧେ ଆଏବା ୧୭ ତାରିଖ୍ ରାଏଜେ ୭୫ ଲାଖ୍ ଗଛ୍ ଜଗାଯିବା । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସାରା ରାଏଜେ ଭିନ୍ ଭିନ୍ ବିଭାଗ୍ ଜରିଏ ଗଛ୍ ଜଗାଯିବା । ୧୫ ଲାଖ୍ ଗଛ୍ ଜଙ୍ଗଲ୍ ବିଭାଗ୍‌ର ଅଧୀନ୍‌ଥି ହଜାରେଟା ଜାଗା ନ ଲଗାଯିବା । ସେନ୍ତା ୩୫ ଲାଖ୍ ଗଛ୍ ରାଜ୍ୟର୍ ସବୁ ପଂଚାୟତ୍‌ମାନ୍‌କର୍ ଜରିଏ

ଜଗାବାର୍‌କେ ବଂଟାଯାଇଛେ । କୃଷି ବିଭାଗ୍ ତର୍‌ଫୁ ୧୩ ଲାଖ୍ କେନ୍ଦ୍ରୀୟ ସୁରକ୍ଷା ବାହିନୀ ତର୍‌ଫୁ ୨ ଲାଖ୍ ଗଛ୍ ଜଗାଯିବା ବଲି ପିସିସିଏଫ୍ ସୁରେଶ୍ ପନ୍ଥ ସୂଚ୍‌ନା ଦେଇଛନ୍ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ସଂଶୋଧିତ୍ ଜିଏସ୍‌ଟି ଦର୍ ଆଏବା ୨୨ ତାରିଖ୍‌ନୁ କାର୍ଯ୍ୟକାରୀ କରାଯିବା । ଇତାର୍ ଆଘୋନୁ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ କମ୍ପାନୀମାନ୍‌କୁ ଜିଏସ୍‌ଟି ସଂସ୍କାର୍ ଆଧାରିତ୍ ସଂଶୋଧିତ୍ ଦର୍‌ଦାମ୍ ତାଲିକା ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଏସ୍‌ଟି ପରିଷଦ୍ ବହୁତ୍‌ଟେ ଅତିଜରୁରୀ ଦରବ୍ ଉପ୍‌ରେ ଟିକସ୍ ଛାଡ଼୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦିଆଯାଇଛେ । ଯେନ୍‌ଟାକି ଦେଶର୍ ଗରିବ୍ ଆଉ ମଧ୍ୟବିତ ପରିବାର୍ ଲାଗି ବହୁତ୍ ବଡ଼ ଆଶ୍ୱସ୍ତି ଆନିଦେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ନୂଆଁ ଜିଏସ୍‌ଟି ନୀତିକେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ବର୍ଗ ନ ସ୍ୱାଗତ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସମୁଚିତ ପଦକ୍ଷେପ୍ ଲାଗି ସମାଜ୍‌ର ସବୁ ବର୍ଗର୍ ଲୁକ୍‌କର୍ ଆର୍ଥିକ୍ ଉନ୍ନତି ହେଇପାର୍‌ବା । ସଂଶୋଧିତ୍ ଜିଏସ୍‌ଟି ସ୍ଲାବ୍ ଦେଶର୍ ଅର୍ଥ

ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବା ବଲି ଜିଲ୍ଲାର୍ ବୁଦ୍ଧିଜୀବୀ କେଦାର୍ ଦାଶ ଆକାଶ୍‌ବାଣୀକେ କହିଛନ୍ ।...
(ଭଏସ୍ ଓଭର୍ -କେଦାର ଦାଶ)

ଘଟଗାଁ ତାରିଣୀ ପୀଠ-ସ୍ତନ୍ୟପାନ କକ୍ଷ ଆର୍‌ଏନ୍‌ୟୁ/
କଟକ୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଘଟଗାଁ ତାରିଣୀ ପୀଠ ପରିଦର୍ଶନ୍ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ଖାସ୍ କରି ତାରିଣୀ ପୀଠର୍ ଉନ୍ନୟନ୍ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିଛନ୍ । ପୁରୀ ଶ୍ରୀମନ୍ଦିର୍ ବାଗିର୍ ତାରିଣୀ ପୀଠ ପରିସର୍ ନ ଖୋବ୍ ଜଲ୍‌ଦି ଶିଶୁ ସ୍ତନ୍ୟପାନ କକ୍ଷ ଥାପ୍‌ନା କରାଯିବା ବଲି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚ୍‌ନା ଦେଇଛନ୍ । ପୀଠକେ ଆସୁଥିବା ମା ମାସେ ଆଉ ସ୍ତନ୍ୟପାନ କରୁଥିବା ଛୁଆମାନ୍‌କର୍ ଲାଗି ଇ ପଦକ୍ଷେପ୍ ବହୁତ୍ ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଆଇଏଏସ୍ ସ୍ତର୍‌ଥି ଅଦଲ୍‌ବଦଲ ହି.ସ.

ରାଜ୍ୟ ସର୍କାର୍ ଭାରତୀୟ ପ୍ରଶାସନିକ ସେବା ଆଇଏଏସ୍ ସ୍ତର୍ଥି ଅଦଲ୍‌ବଦଲ୍ କରିଛନ୍ । ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଲନ୍ ଆର୍ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ୍ ଦାୟିତ୍ୱ ଦିଆଯାଇଥିବାର୍ ବେଲେ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ୍ ନିର୍ଦ୍ଦେଶକ୍ ଭାବେ ନିଯୁକ୍ତି କରାଯାଇଛେ । ପ୍ରେମ୍‌ଜିତ୍ ନାୟକଙ୍କୁ ଅନୁସୂଚିତ ଜାତି, ଜନଜାତି ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍‌ର ଅତିରିକ୍ତ ସଚିବ, ପି. ଅନ୍ୱେଷା ରେଡ୍ଡୀଙ୍କୁ ଆଇ.ଜି.ଆର୍ କଟକ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ ।

ଆସ ସ୍କୁଲ୍ ଯିବା ଅଭିଯାନ୍ ହି.ସ.

ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ଆସ ସ୍କୁଲ୍ ଯିବା ଅଭିଯାନ୍ ମୁଲ୍ କରାଯାଇଛେ । ଆଏବା ୧୯ ତାରିଖ୍ ଭିତ୍‌ରେ କେନ୍‌ସି ଭିଲ୍ ଦିନ ବିଦ୍ୟାଲୟ ମାନ୍‌କେ ଆସ ସ୍କୁଲ୍ ଯିବା ପଦଯାତ୍ରାର୍ ଆୟୋଜନ୍ କରାଯିବା । ଇ ବାବ୍‌ଦେ ଆଘୋନୁ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜରି କରାଯାଇଥିଲା । ସୂଚ୍‌ନା ଅନ୍‌ସାରେ ଅଭିଯାନ୍ ଜରିଏ ସ୍କୁଲ୍ ନାଇଁ ଯାଇଥିବା ଆଉ ଅଧାନୁ ପାଠ୍ ଛାଡ଼ିଥିବା ଛାତ୍ରଛାତ୍ରୀମାନ୍‌କୁ ସ୍କୁଲ୍‌କେ ଫିରେଇ ଆନ୍‌ବାର୍ ଉଦ୍ୟମ୍ କରାଯିବା ।

ବାଲିଯାତ୍ରା କଟକ୍ ସମ୍ବାଦଦାତା

କଟକ ବାଲିଯାତ୍ରାର ନାଁକେ ବଦ୍‌ଲା ଯାଇକରି 'ଐତିହାସିକ ବାଲିଯାତ୍ରା କଟକ' କରାଯାଇଛେ ବଲି ଜିଲ୍ଲାପାଲ ସୂଚ୍‌ନା ଦେଇଛନ୍ । ଜିଲ୍ଲାପାଲ୍‌ଙ୍କ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ବୈଠକ୍‌ଥି ନାଁ ବଦ୍‌ଲାବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବାଲିଯାତ୍ରା ଆଏବା ନଭେମ୍ବର ମାସର୍ ୫ ତାରିଖ୍‌ନୁ ୧୨ ତାରିଖ୍‌ତକ୍ ହେବା ବଲି ବୈଠକ୍‌ଥି ଧାରିଜ୍ କରାଯାଇଛେ । ଇଥର ଖାଲି ମହାନଦୀ ତଲି ପଡ଼ିଆ ନ ଷ୍ଟଲ୍ ଲାଗ୍‌ବା ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ ରାତିର୍ ୧୧ ବଜେତକ୍ ଚାଲ୍‌ବା ବଲି ଜିଲ୍ଲାପାଲ୍ କହିଛନ୍ ।

ଜିଏସ୍‌ଟି ସଂସ୍କାର୍ ସମ୍ମିଲନୀ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଚାମ୍ବର୍ସ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ତର୍‌ଫୁ ସହରର୍ ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ଜିଏସ୍‌ଟି ସଂସ୍କାର୍-୨୦୨୫ ସମ୍ମିଲନୀର୍ ଆୟୋଜନ୍ କରାଯାଇଛେ । 'ଆଏବା ପିଢ଼ିର୍ ଜିଏସ୍‌ଟି ଆପଣ୍‌କର୍ ଲାଗି' ଶୀର୍ଷକ୍‌ଥି ହେଇଥିବା ସମ୍ମିଲନୀଥି ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର

ପ୍ରଧାନ୍ ଯୋଗ୍ ଦେଇଛନ୍ । ସମ୍ମାନିତ୍ ଅତିଥି ଭାବେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଯୋଗ୍ ଦେଇଛନ୍ ।

ଏଡ୍‌ସ୍ ସଚେତନତା କର୍ମଶାଳା      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନ ଏଚ୍‌ଆଇଭି ଏଡ୍‌ସ୍ ସଚେତନତା କର୍ମଶାଳା ହେଇଯାଇଛେ । କଲେଜ୍ ଅଧ୍ୟକ୍ଷା ସସ୍ମିତା ପ୍ରଭା ସାମଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଏଚ୍‌ଆଇଭି ସଂକ୍ରମଣ୍ ରୁକ୍‌ବାର୍ ସହେତେ ଏଡ୍‌ସ୍ ମୁକ୍ତ ଭାରତ୍ ଲାଗି ସଂକଳ୍ପ ନିଆଯାଇଥିଲା ।

ବିଶ୍ୱ ଡଲ୍‌ଫିନ୍ ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ଡଲ୍‌ଫିନ୍ ମାନ୍‌କର୍ ସୁରକ୍ଷା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଆଉ ସେମାନ୍‌କର୍ ସଂରକ୍ଷଣ୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଡଲ୍‌ଫିନ୍ ଦିବସ୍ ପାଲନ୍ କରାଯାଉଛେ । ୨୦୨୨ ମସିହା ନୁ ସି’ ଫେଡ଼େରେସନ୍ ଗ୍ଲୋବାଲ୍‌ର ଚେରେଷ୍ଟା ଆର୍ ସମର୍ଥନ୍‌ଥି ଫି’ ବଛର୍ ସେପ୍ଟେମ୍ବର୍ ୧୨ ତାରିଖ୍‌କେ

ବିଶ୍ୱ ଡଲ୍‌ଫିନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ପୁର୍‌ଥି ନ ଇହାଦେ ୪୨ ଟା ପ୍ରଜାତିର୍ ଡଲ୍‌ଫିନ୍ ଅଛନ୍ । ଭାରତ୍ ନ ୬ ହଜାର୍ ୩ ଶହ ୨୭ ଡଲ୍‌ଫିନ୍ ଥିବାର୍ ଗୁଟେ ତଥ୍ୟନୁ ଜନାପଡ଼ିଛେ । ସେଥିର୍‌ଭିତ୍‌ରୁ ଇ ବଛର୍ ଓଡ଼ିଶା ନ ୭ ଶହ ୧୦ ଟା ଡଲ୍‌ଫିନ୍ ଚିହ୍ନଟ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ବନ୍ୟପ୍ରାଣୀଙ୍କର୍ ସଂରକ୍ଷଣ୍ ଚେରେଷ୍ଟାକେ ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ଦେଶେ ପହେଲାକରି ନଦୀ ମାନ୍‌କେ ରହୁଥିବା ଡଲ୍‌ଫିନ୍ ମାନ୍‌କର୍ ଗଣନା ରିପୋର୍ଟ ଭିଲ୍ ପ୍ରକାଶ୍ କରାଯାଇଛେ ।

ସୈରେନ୍ଦ୍ରୀ ନାଏକ ଫୁଟ୍‌ବଲ୍ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲ୍‌ପୁର୍ କାଇଁଶିର୍ ଖେଲ୍‌ପଡ଼ିଆ ନ ଚାଲିଥିବା ସୈରେନ୍ଦ୍ରୀ ନାଏକ ସ୍ମାରକୀ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାଥି ଆଏଜ୍ ୨ ଟା ସେମିଫାଇନାଲ୍ ମେଚ୍ ଖେଲାଯାଇଥିଲା । ପହେଲା ମେଚ୍‌ଥି ମୁଢ଼େନ୍‌ପାଲି ଉଚ୍ଚବିଦ୍ୟାଳୟ ୫/ଶୂନ୍ ଗୋଲ୍‌ଥି ସମ୍ବଲ୍‌ପୁର୍ ଗୁରୁନାନକ୍ ପବ୍ଲିକ୍ ସ୍କୁଲ୍‌କେ ହରେଇଛେ । ସେନ୍ତା ଆଉ ଗୁଟେ ମେଚ୍‌ଥି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ୫/୨ ଗୋଲ୍‌ଥି ଜିଲ୍ଲା ସ୍କୁଲ୍ କେ ହରେଇଛେ । ଆଏବା

କାଏଲ୍ ମୁଢ଼େନ୍‌ପାଲି ଉଚ୍ଚବିଦ୍ୟାଳୟ ଆଉ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ୍ ଆର୍‌ଏନ୍‌ୟୁ ସମ୍ବଲପୁର/ ସମ୍ବଲ୍‌ପୁର୍ ସମ୍ବାଦଦାତା

ପଶ୍ଚିମ କେନ୍ଦ୍ରୀୟ ଇଲାକା ଆଉ ତାର୍ ପାଖର୍ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଉତର୍ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ସମୁଦ୍ର ଖଁଡ଼ି ନ ଆଏଜ୍ ସଖାଲେ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଲଘୁଚାପ୍ ଆହୁରି ବର୍‌କସ୍ ହେଇକରି ଆଏବା ୪୮ ଘଂଟା ଭିତ୍‌ରେ ଦକ୍ଷିଣ ଓଡ଼ିଶା, ଉତର୍ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଛତିଶ୍‌ଗଡ଼୍ ଦେଇକରି ପଶ୍ଚିମ- ଉତର୍‌ପଶ୍ଚିମ ଆଡ଼େ ଯାଇପାରେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍‌କେ ନେଇକରି ରାଜ୍ୟର୍ ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାନୁ ଆଏଜ୍ ଖେପ୍ ଖେପ୍ କରି ଫେର୍ ୪ଟା ଗେଟ୍ ଖୁଲାଯାଇଛେ । ଇହାଦେ ୫ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।